DOI : https://doi.org/10.5281/zenodo.13705535 ମୂଳ ପ୍ରବନ୍ଧ

# ଦାଦନ ସମସ୍ୟାର ଭିନ୍ନ ରୂପ : ସରୋଜିନୀଙ୍କ 'ଦାଦନ'

**ଦୟାନିଧି ପରିଡ଼ା**

**ସାରାଂଶ :**

ସାଂପ୍ରତିକ ସମୟରେ ଉପନ୍ୟାସ ସମାଜ ଓ ପାଠକ ଉଭୟର ଯୁଗ ରୁଚିକୁ ବହନ କରି ଗତିଶୀଳ ହେଉଛି । ସମାଜର ବିବିଧ ସମସ୍ୟା ଓ ବାସ୍ତବ ଚିତ୍ର ଉପନ୍ୟାସର କଥାବସ୍ତୁ ରୂପରେ ସ୍ଥାନିତ ହେଉଛି । ଔପନ୍ୟାସିକା ସରୋଜିନୀ ସାହୁ ହେଉଛନ୍ତି ଏମିତି ଜଣେ ଔପନ୍ୟାସିକା ଯିଏକି ନିଜସ୍ୱ ଅନୁଭବ ଓ ଉପଲବ୍ଧିରୁ ତିଆରିକରନ୍ତି ନିଜସ୍ୱ ପ୍ଲଟ୍ । ସମାଜର ତ୍ରୁଟି ବିଚ୍ୟୁତିକୁ ଲକ୍ଷ୍ୟକରି ସେ ସର୍ବଦା ଏକ ବିଦ୍ରୋହାତ୍ମକ ସ୍ୱର ନିଜସ୍ୱ ରଚନାରେ ତୋଳି ଧରନ୍ତି । ଆଧୁନିକ ସମାଜରେ ଉଚ୍ଚ ଶିକ୍ଷିତ ଯୁବପିଢ଼ିଙ୍କ ଆଶା ଓ ସ୍ୱପ୍ନର ରୂପଚିତ୍ର ହିଁ ଏହି 'ଦାଦନ' ଉପନ୍ୟାସର ମୂଳ ଭିତ୍ତି । ପେଟ ପାଟଣା ପାଇଁ ନିଜର ଭିଟାମାଟି ଛାଡ଼ି ଅନ୍ୟତ୍ର ଯାଇ ଚୁକ୍ତି ମୁତାବକ ଖଟିବା ହିଁ ଦାଦନ । ଓଡ଼ିଶାର ଏଇ ସମସ୍ୟା ଅଧୁନା ଅଧିକାଂଶ ସ୍ଥାନରେ ଦେଖାଦେଉଛି । ଔପନ୍ୟାସିକା ସରୋଜିନୀ ସାହୁ ଉକ୍ତ ପ୍ରସଙ୍ଗକୁ ଉପନ୍ୟାସଟିରେ ସ୍ଥାନିତ କରିବା ସହ ସମାଜର ନାନାଦି ପରିବେଶ ଓ ଆନୁସଙ୍ଗିକ ଜୀବନ ସଂଘର୍ଷର ଚିତ୍ର ଉପସ୍ଥାପନ କରିଛନ୍ତି । ଓଡ଼ିଶାର ଯୁବଗୋଷ୍ଠୀ ଶିକ୍ଷିତ ହୋଇ ଜୀବିକା ନିର୍ବାହ ଲାଗି ବାଙ୍ଗାଲୋର୍ କିପରି ଯାଇଛି ଏବଂ ସେଇଠି ଭୋଗୁଥିବା ଦୁଃଖ ଓ ଯନ୍ତ୍ରଣା ହିଁ ଉପନ୍ୟାସଟିର ବକ୍ତବ୍ୟ । ସାଧାରଣ ଗ୍ରାମ୍ୟ ଜୀବନରୁ ସହରୀ ଜୀବନ ମଧ୍ୟ ଦେଇ ଗତିଶୀଳ ହେଉଥିବା ସମାଜ ଓ ତତ୍‌ସହିତ ଆଧୁନିକ ଶିକ୍ଷା ପ୍ରଭାବରେ ପରିବର୍ତ୍ତିତ ଜୀବନଶୈଳୀକୁ ଆପଣାଉଥିବା ମଣିଷ ସମାଜର କଥା ଉପନ୍ୟାସଟିରେ ଦର୍ଶିତ । ଔପନ୍ୟାସିକା ଯୁବପିଢ଼ିଙ୍କ ମଧ୍ୟରେ ବ୍ୟକ୍ତି ସ୍ୱାଧୀନତା, ଚିନ୍ତା-ଭାବନା, ଅଶା, ସ୍ୱପ୍ନ, ହତାଶା ସାଙ୍ଗକୁ ବିଦେଶୀ ଜୀବନ ଶୈଳୀର ପ୍ରଭାବକୁ ଚରିତ୍ରଗୁଡ଼ିକ ମଧ୍ୟରେ ଦର୍ଶାଇଛନ୍ତି । ନିଜସ୍ୱ ଅଂଚଳରୁ ଅନ୍ୟତ୍ର ରହିବାଦ୍ୱାରା କିପରି ପରିବେଶର ପ୍ରଭାବରେ ମଣିଷ ପ୍ରଭାବିତ ହୁଏ ଯଥା ଉପନ୍ୟାସସ୍ଥ ଯୁବପିଢ଼ି ଆଧୁନିକ ଜୀବନ ଶୈଳୀକୁ ଆପଣାଇଛି ତା'ସହ ଖାଦ୍ୟ ପେୟର ରୁଚି ବଦଳିଛି, ଏପରିକି ଇଚ୍ଛା, ଆକାଂକ୍ଷା ସବୁ ସାଂପ୍ରତିକ ସଂଭ୍ରାନ୍ତୀୟ ଭାବନାକୁ ସ୍ପଷ୍ଟ କରିଛି । ଯାହାଫଳରେ ସଂସ୍କୃତିର ଅବକ୍ଷୟୀ ରୂପ ଉପନ୍ୟାସର ପରିବେଶ ମଧ୍ୟରେ ପରିଦୃଶ୍ୟ । ସିଦ୍ଧୁ, ଲିସା, ଅଂଶୁ, ସସ୍ମିତା ଓ ଜ୍ୟୋତି ଭଳି ଚରିତ୍ରଙ୍କଦ୍ୱାରା ଆଧୁନିକ ଯୁବପିଢ଼ିଙ୍କର ଚିତ୍ରକୁ ଦର୍ଶାଯାଇଛି । ପ୍ରେମ, ବିବାହ ଏବଂ ବିଚ୍ଛେଦ ଆଧୁନିକ ସମାଜରେ ଯେ କେତେ ସାମାନ୍ୟ ପାଲଟିଗଲାଣି ତାର ନମୁନା ଉପନ୍ୟାସଟିର ଶେଷରେ ଲିସା ଚରିତ୍ର ମାଧ୍ୟମରେ ଦର୍ଶାଯାଇଛି । ତଥାପି ମନ ମଧ୍ୟରେ ପ୍ରେମ ଯେ ଚିରନ୍ତନ, ଜୀବନ ନିମନ୍ତେ ଉତ୍ତମ ଶୃଙ୍ଖଳାର ମାର୍ଗଟିଏ ଜରୁରୀ ଉକ୍ତ ପ୍ରସଙ୍ଗକୁ ମର୍ମେ ମର୍ମେ ଉପଲବ୍ଧି କଲରିଛି ଲିସା । 'ଦାଦନ' ଉପନ୍ୟାସ କେବଳ ବ୍ୟକ୍ତିଗତ ଜୀବନକୁ ଉପସ୍ଥାପନ କରିନାହିଁ, ସମାଜର ଏକ ସମସ୍ୟା ଦିଗ ପ୍ରତି ସ୍ୱର ଉତ୍ତୋଳନ କରିଛି ।

**ସଂକେତ ଶବ୍ଦ :** ଉପନ୍ୟାସ, ଦାଦନ, ଜଗତୀକରଣ, ଇଂଟରନେଟ୍, ପ୍ରଯୁକ୍ତିବିଦ୍ୟା, ସଂସ୍କୃତି, ଶିକ୍ଷା, ଆଧୁନିକତା ।

ଉପନ୍ୟାସ ଏକ ଦୀର୍ଘ କାହାଣୀ ନୁହେଁ, ବରଂ ଏହା ଏକ ଲେଖକୀୟ ଅନୁଭୂତି, ଅଭିଜ୍ଞତା ତଥା ସୃଜନ ଆଲେଖ୍ୟ । "ଲେଖକର ବକ୍ତବ୍ୟ ଉପନ୍ୟାସ ମଧ୍ୟରେ ଜୀବନ୍ତ ହୋଇଉଠେ, ଯେତେବେଳେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI:
https://doi.org/10.5281/zenodo.13705535
Article No - BPPP00221

ଯୋଗାଯୋଗ :
**ଡ.ଦୟାନିଧି ପରିଡ଼ା,**
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା
**E-Mail ID:** dayanidhiparida2013@gmail.com
**ORCID ID:** https://orcid.org/0009-0000-7757-3040

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୩.୬.୨୦୨୪ | ୧୭.୭.୨୦୨୪ | ୨୫.୭.୨୦୨୪ | ୧.୯.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପରିଡ଼ା, ଦୟାନିଧି, ୨୦୨୪ । ଦାଦନ ସମସ୍ୟାର ଭିନ୍ନ ରୂପ : ସରୋଜିନୀଙ୍କ 'ଦାଦନ' । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ, ପୃଷ୍ଠା :୩୦-୩୪ ।

ସେ ଲୋକ ଜୀବନ ସମ୍ପର୍କରେ ବ୍ୟକ୍ତିଗତ ଧାରଣାକୁ ରୂପଦିଏ । ଯେଉଁ ଲେଖକ କେବଳ ନିଜପାଇଁ ଲେଖେ ସେ ନିଜ ରାଜ୍ୟ ଭିତରେ ଘୁରିବୁଲେ ମାତ୍ର । କିନ୍ତୁ କଥାକାରର ସ୍ୱର ହେଉଛି ପାଠକକୁ ସମୁଦାୟ ପୃଥିବୀ ଭିତରୁ ଛାପା ବହି ପାଖକୁ ଟାଣି ଆଣିବା ଏହାଦ୍ୱାରା ପାଠକ ଓ ଲେଖକ ଏକ ହୋଇଯାନ୍ତି । "(୧) ଆଧୁନିକ ସମାଜରେ ଦାଦନ ଏବେ ଗୋଟିଏ ପ୍ରମୁଖ ସମସ୍ୟା ଭାବରେ ମୁଣ୍ଡ ଟେକିଛି । ପଶ୍ଚିମ ଓଡ଼ିଶା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଭଳି ଜିଲ୍ଲାରୁ ଆନ୍ଧ୍ରପ୍ରଦେଶ, ହାଇଦ୍ରାବାଦ ଭଳି ସ୍ଥାନକୁ ଖଟିବାକୁ ଯାଉଛନ୍ତି । ନିଜ ପରିବାରର ଆର୍ଥିକ ଅନଟନ ହିଁ ଏହାର ମୁଖ୍ୟ କାରଣ ପାଲଟୁଛି । କେଉଁଠି ଇଟାଭାଟିରେ ଶ୍ରମିକଟିଏ ଚୁକ୍ତି ମୁତାବକ ପାରିଶ୍ରମିକଠୁ ଅଧିକ ପରିଶ୍ରମ କରୁଛି ତ କେଉଁଠି କମ୍ପାନୀରେ ଗୋଟି ଶ୍ରମିକ ଭଳି ଜୀବନ ସରିଯାଉଛି । ଏହି ଯନ୍ତ୍ରଣା କେବଳ ସ୍ୱଳ୍ପ ଶିକ୍ଷିତ, ଅପାଠୁଆଙ୍କର ନୁହେଁ ପ୍ରଯୁକ୍ତିବିଦ୍ୟାର ଶିକ୍ଷାଧ୍ୟୟନ କରି ବହୁତ ଅର୍ଥ ଉପାର୍ଜନ ଲାଳସାରେ ଯୁବବର୍ଗ ନିଜ ଜନ୍ମଭୂମି ଛାଡ଼ି ଯେବେ ଅନ୍ୟତ୍ର ରୋଜଗାରର ପନ୍ଥା ଖୋଜେ ସେହି ଯନ୍ତ୍ରଣା, ଅଭାବ, ପରିବର୍ତ୍ତିତ ଜୀବନ ଶୈଳୀ ଓ ସରକାରୀ ସ୍ଥିତି ଆଦି ବହୁ ଦିଗକୁ 'ଦାଦନ' ଉପନ୍ୟାସଟି ଉନ୍ମୋଚିତ କରିଛି । ଦାଦନ ଏକ ଚୁକ୍ତି ଭିତ୍ତିକ ନିଯୁକ୍ତି ପ୍ରକ୍ରିୟା, ଯାହାକି ମୁନିବ ନିଜର କାର୍ଯ୍ୟ ସମ୍ପାଦନ ପାଇଁ ଆଗୁଆ ଅର୍ଥ ଦେଇ ଶ୍ରମିକମାନଙ୍କୁ ନିଜ ମନମୁତାବକ ଶୋଷଣ କରେ । ଯାହାଫଳରେ ଶ୍ରମିକଟିଏ ସାମାଜିକ ସୁରକ୍ଷା ଅଭାବରୁ ନିଜେ ହଟହଟା ହୁଏ । କୌଣସି ନିର୍ମାଣ କାର୍ଯ୍ୟ, କୃଷି, ଇଟାଭାଟି ଅବା ଶିଳ୍ପ କାରଖାନା ଆଦିରେ ଏହି ଦାଦନ ବ୍ୟବସ୍ଥା ଦେଖିବାକୁ ମିଳେ । ଔପନ୍ୟାସିକା ସାହୁ ଏହାକୁ ଲକ୍ଷ୍ୟ କରିଛନ୍ତି ଏକ ଭିନ୍ନ ଦୃଷ୍ଟିରେ । ଶିକ୍ଷିତ ସମାଜରେ ଶିକ୍ଷିତ ଯୁବକ ଯୁବତୀ କିପରି ଅର୍ଥ ଲାଳସାରେ ବିଦେଶୀ କମ୍ପାନୀଙ୍କ ଦ୍ୱାରା ମୋହଗ୍ରସ୍ତ ହେଉଛନ୍ତି ଏବଂ କିପରି ଓଡ଼ିଶା ମାଟିରୁ ଯେଉଁ ସ୍ୱପ୍ନ ନେଇ ଓଡ଼ିଶା ବାହାରକୁ ଶିକ୍ଷିତ ଯୁବବର୍ଗ ଯାଉଛନ୍ତି ସେଇଠି ସେମାନଙ୍କ ସମସ୍ୟା, ଯନ୍ତ୍ରଣାର ରୂପଚିତ୍ର ହେଉଛି 'ଦାଦନ' ଉପନ୍ୟାସ ।

ସାମାଜିକ ଜୀବନ ଚଳଣିଠାରୁ ବୃତ୍ତି ବ୍ୟବସାୟ, ବାଣିଜ୍ୟ, ଶିକ୍ଷା, ସଂସ୍କୃତି, ରାଜନୀତି ଭିତରେ ଏକ ଆନ୍ତଃ ମିଶ୍ରଣ ଉତ୍ସ ହେଉଛି ଜଗତୀକରଣ । ଯାହାକି ମୂଳତଃ ଅର୍ଥନୀତି କ୍ଷେତ୍ରରେ ଦେଖାଦେଇଥିଲା । ଭାରତୀୟ ଅର୍ଥନୀତିକୁ ବିଶ୍ୱ ଅର୍ଥନୀତି ସହ ସହଭାଗୀତା କରାଇବା ଏହାର ଲକ୍ଷ୍ୟ ଥିଲା । ଏହାର ଲକ୍ଷ୍ୟ ଥିଲା ଆର୍ଥନୀତିକ ସ୍ଥିତିରେ ସାମ୍ୟତା ଆଣିବା ଅର୍ଥନୀତିଜ୍ଞମାନଙ୍କ ମତରେ ଜାଗତିକରଣ ହେଉଛି ଏକୀକରଣ କରିବା ବା ବିଶ୍ୱକୁ ସ୍ଥୂଳ ଦୃଷ୍ଟିଟିରେ ଦେଖିବା । ଏଣୁ ଏହି ଜଗତୀକରଣର ପ୍ରଭାବକୁ ଅର୍ଥନୀତିରୁ ବାଣିଜ୍ୟ ଓ ସମାଜ ସଂସ୍କୃତି ମଧ୍ୟଦେଇ ଅଧୁନା ସମାଜର ସବୁ କ୍ଷେତ୍ରରେ ଉପଲବ୍ଧି କରିହେଉଛି । ଇଣ୍ଟରନେଟ ଓ କମ୍ପ୍ୟୁଟର ମାଧ୍ୟମରେ ମନୁଷ୍ୟ ସହଜରେ ଦେଶ ବିଦେଶର ଖବର ପାଇ ପାରୁଛି । ପ୍ରଯୁକ୍ତିଗତ ଶିକ୍ଷା କୌଶଳଦ୍ୱାରା ଶିକ୍ଷାର ସ୍ତର ଓ ମାନ ଆଗକୁ ବଢୁଛି । ସ୍ଥାନେ ସ୍ଥାନେ ପ୍ରଯୁକ୍ତି ବିଜ୍ଞାନ ମୂଳକ ଶିକ୍ଷାକ୍ଷେତ୍ର ସବୁ ସ୍ଥାପିତ ହେଉଛି । ବୈଷୟିକ ଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିମୂଳକ ଜ୍ଞାନ କୌଶଳ, ଶିକ୍ଷା ବ୍ୟବସ୍ଥା, ସାମାଜିକ ସ୍ଥିତି, ଯୁବପିଢ଼ିଙ୍କ ଲକ୍ଷ୍ୟ ସହ ଭାରତକୁ ନାନା କମ୍ପାନୀ ମାନଙ୍କର ଆଗମନକୁ ଲକ୍ଷ୍ୟ କରି ଔପନ୍ୟାସିକା ସରୋଜିନୀ ସାହୁ ରଚନା କରିଛନ୍ତି 'ଦାଦନ' ଉପନ୍ୟାସ ।

ନାରୀବାଦୀ ଲେଖିକା ଭାବେ ସରୋଜିନୀ ସାହୁ କେବଳ ଓଡ଼ିଆ ସାହିତ୍ୟ କାହିଁକି ? ବିଭିନ୍ନ ପ୍ରାଦେଶିକ ସାହିତ୍ୟ କ୍ଷେତ୍ରରେ ମଧ୍ୟ ବେଶ୍ ଜଣାଶୁଣା । କିନ୍ତୁ: ୨୦୧୬ ମସିହାରେ ପ୍ରକାଶିତ 'ଦାଦନ' ଉପନ୍ୟାସ ତାଙ୍କର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି । ନାରୀ ଜୀବନର ଅନ୍ତଃଦାହ, ମନସ୍ତତ୍ତ୍ୱଠୁ ନାରୀ ମୁକ୍ତିର ସ୍ୱରକୁ ନିଜ ରଚନାରେ ସ୍ଥାନ ଦେଉଥିବା ସରୋଜିନୀ 'ଦାଦନ' ଉପନ୍ୟାସରେ ସମକାଳୀନ ସମାଜର ଏକ ସମସ୍ୟାକୁ କେନ୍ଦ୍ର କରିଛନ୍ତି । ଔପନ୍ୟାସିକା ସାହୁ ଉଭୟ ଗଳ୍ପ ଏବଂ ଉପନ୍ୟାସ କ୍ଷେତ୍ରରେ ବେଶ୍ ଚର୍ଚ୍ଚିତ । ସାଂପ୍ରତିକ ସମୟର ତ୍ରୁଟି ବିଚ୍ୟୁତିକୁ ଲକ୍ଷ୍ୟକରି ତାଙ୍କର ଲିଖନୀ ସର୍ବଦା ଚଞ୍ଚଳ ମନେହୁଏ । ଶାଣିତ ବକ୍ତବ୍ୟ ସହ ସମାଜ ପରିବର୍ତ୍ତନର ଦାୟବଦ୍ଧ ଚରିତ୍ରକୁ ତାଙ୍କ କଥା ଜଗତରେ ରୂପାୟିତ କରନ୍ତି । ସମାଜବାଦୀ ବାସ୍ତବତାର ସ୍ୱର ପ୍ରକୃତରେ ତାଙ୍କ କଥା ସାହିତ୍ୟରେ ସ୍ପଷ୍ଟ ରୂପରେ ବାରିହୁଏ । ସମାଜର ପ୍ରମୁଖ ସମସ୍ୟା ଏବଂ ସେଥିପାଇଁ ତା'ର ନିରାକରଣର ସୂତ୍ରକୁ ସେ ଉଭୟ ଘଟଣା ଓ ଚରିତ୍ର ମାଧ୍ୟମରେ ଚିତ୍ରିତ କରନ୍ତି । ଆଧୁନିକ ଜୀବନ ଶୈଳୀ ପାଇଁ ଏକ ବରଦାନ ହେଉଛି ପ୍ରଯୁକ୍ତିବିଦ୍ୟା, ଶିଳ୍ପ, ବିଜ୍ଞାନ ସମେତ ଆହୁରି ଅନେକ । ଶିକ୍ଷା କ୍ଷେତ୍ରରେ ଅଧୁନା ସମାଜ ମଧ୍ୟ ବେଶ୍ ସଚେତନ । ଶିକ୍ଷା ଯେ ସମାଜ ଗଢ଼େ ଏ କଥା ସଭିଏଁ ଜାଣନ୍ତି । ଅଧୁନା ଯୁବପିଢ଼ିଙ୍କ ଶିକ୍ଷା ଗ୍ରହଣ, ଇଂଜିନିୟରିଂ ଶିକ୍ଷା ବ୍ୟବସ୍ଥା, ନିଯୁକ୍ତି ସୁଯୋଗ ସାଙ୍ଗକୁ ଶିକ୍ଷିତ ବେକାରୀର ସମସ୍ୟାକୁ ଔପନ୍ୟାସିକା 'ଦାଦନ' ଉପନ୍ୟାସରେ ରୂପାୟିତ କରିଛନ୍ତି । ଉପନ୍ୟାସଟିରେ ପ୍ରବାସୀ ଓଡ଼ିଆଙ୍କ ପ୍ରସଙ୍ଗ ଅଧିକ ସ୍ଥାନିତ ହୋଇଛି । କିପରି ଓଡ଼ିଶା ଛାଡ଼ି ଅର୍ଥ ଉପାର୍ଜନ ନିମନ୍ତେ ଲକ୍ଷ ଲକ୍ଷ ଓଡ଼ିଆ ଓଡ଼ିଶା ବାହାରେ ଜୀବନ କାଟୁଛନ୍ତି ତା'ର ଚିତ୍ର ଉପନ୍ୟାସଟିରେ ଦର୍ଶିତ । ଉପନ୍ୟାସର ଚରିତ୍ର ସିଦ୍ଧୁ କମ୍ପାନୀରେ ଚାକିରି କରିବ ବୋଲି ବାଙ୍ଗାଲୋର୍ ଯିବାକୁ ମନସ୍ଥ କରିଥିବାବେଳେ ତାର ମନକୁ ନାନା ଚିନ୍ତା ଘାରିଛି ଏବଂ ସେ ପୁଣି ଆତ୍ମକେନ୍ଦ୍ରୀକ ହୋଇ ଭାବିଛି-"କୋଉଠି ଗୋଟେ ପଢ଼ିଥିଲା ସିଦ୍ଧୁ, ବାଙ୍ଗାଲୋରରେ ତିନିଲକ୍ଷ ଓଡ଼ିଆ ଅଛନ୍ତି । କେ. ଆର. ପୁରମ୍, ବୋମାନା ହିଲ୍, ହ୍ୱାଇଟ୍ ଫିଲ୍ଡ ମାରାଥଲି ଆଡୁ ଖୋଜି ଆଣିଲେ ଗୋଟେ ସଭା କରିବା ପାଇଁ ଲୋକ ବାହାରିଯିବେ । ସେଇ ତିନିଲକ୍ଷ ଓଡ଼ିଆଙ୍କ ସହ ମିଶି ହେବ ତିନିଲକ୍ଷ ଏକ ।"(୨)

ଉପନ୍ୟାସଟିର ପୃଷ୍ଠଭୂମି ବାଙ୍ଗାଲୋର ସହରକୁ ଅଧିକ କେନ୍ଦ୍ର କରିଛି । ସେଠାରେ ଇଂଜିନିୟରିଂ ଓଡ଼ିଆ ଯୁବକ ସହ ନାନା ରାଜ୍ୟର ଯୁବକ ଯୁବତୀଙ୍କ ଦୁର୍ଦ୍ଦଶା, ଦୁଶ୍ଚିନ୍ତା ଅଧିକ ପ୍ରକଟିତ ହୋଇଛି । ସେହିପରି ଅନ୍ୟ ଏକ ଉଦାହରଣ ହେଉଛି ଚରିତ୍ର ଲିସା । ଯିଏକି ସିଦା ସଳଖ ପରିବାର ସମ୍ମୁଖରେ ପ୍ରକାଶ କରିଛି "ଓଡ଼ିଶାରେ ଚାକିରି ନାହିଁ । ଚାକିରି ପାଇଁ ମୋତେ ବାଙ୍ଗାଲୋର ଯିବାକୁ ହେବ", ଯିଦ୍ ଧରିଥିଲା ଲିସା । ବାପା କହିଥିଲେ, "ଦେଖ୍ ମୁଁ ତୋତେ ଚାରି ହଜାରରୁ ବେଶି ଟଙ୍କା ଦେଇ ପାରିବିନି । ସେତିକିରେ ଚଳେଇ ନେଇ ପାରିବୁ ୍ଦି ଯା । ଛ ମାସ ଭିତରେ ଚାକିରି ନ ମିଳିଲେ ଫେରି ଆସିବୁ । କିଛି ଦରକାର ନାହି ଏତେ ଦୂରରେ ରହି ଚାକିରି କରିବା ।(୩) ଉକ୍ତ ପ୍ରସଙ୍ଗରେ  ସ୍ପଷ୍ଟ ହେଉଛି ଯେ ନିଯୁକ୍ତି ନିମନ୍ତେ ବିଦେଶୀ କମ୍ପାନୀ ଏବଂ ଓଡ଼ିଶାଠାରୁ ବିଚ୍ୟୁତ ଭାବ ଆଧୁନିକ ଯୁବଗୋଷ୍ଠୀଙ୍କ ମଧ୍ୟରେ କିପରି ସୃଷ୍ଟି ହୋଇଛି । ତା'ରି ମଧ୍ୟରେ ଲିସା ପୁଅ ଝିଅର ଭେଦ ଭାବନାକୁ ଲକ୍ଷ୍ୟ କରି ନିଜ ମା'ର କଥାକୁ ପ୍ରତିବାଦ କରିଛି ଯେ ଅର୍ଥ ଉପାର୍ଜନ ପାଇଁ ପୁଅ କେବଳ ଲୋଡ଼ା ନୁହଁ ଝିଅଟିଏ ନିଜର ପରିଚୟ ତଥା ଆତ୍ମ ସ୍ୱାଭିମାନ ସହ ସ୍ୱାବଲମ୍ବୀ ହେବା ପାଇଁ ଚାକିରି କରିବା ଜରୁରୀ । ଆଧୁନିକ ସମାଜରେ ପୁଅ ଝିଅ ଯେ ସମାନ ଏ କଥାକୁ ପରୋକ୍ଷରେ ଔପନ୍ୟାସିକା ସୂଚିତ କରିଛନ୍ତି । ଅଧୁନା ସ୍ୱାଭିମାନୀ ଏବଂ ଆତ୍ମ ନିର୍ଭରଶୀଳ ନାରୀଟିଏ ହେବାର ଚିତ୍ର ଉକ୍ତ ଲିସା ଚରିତ୍ର ମାଧ୍ୟମରେ ହିଁ ଦର୍ଶାଯାଇଛି । ସମାଜରେ ପୁଅ ଝିଅଙ୍କ ପ୍ରତି ସମାନ ଦୃଷ୍ଟିଭଙ୍ଗୀର ବିଚାରକୁ ଅଧିକ ବାସ୍ତବାୟିତ ଢ଼ଙ୍ଗରେ ଏକ ପରିବାରର ପାରିବେଶିକ ସ୍ତରରେ ପ୍ରମାଣ କରିଛନ୍ତି ଔପନ୍ୟାସିକା ।

ସାଂପ୍ରତିକ ଶିକ୍ଷିତ ବେକାରୀ ସମସ୍ୟ, ଯୁବଗୋଷ୍ଠୀଙ୍କ ଯନ୍ତ୍ରଣାଶିକ୍ତ ଜୀବନ ଓ ତା'ସହ  ପ୍ରଚ୍ଛଦରେ ବେସରକାରୀ ଅନୁଦାନପ୍ରାପ୍ତ ଅଧୟାପକ ଅଧ୍ୟାପିକାଙ୍କ ବେତନ ସମସ୍ୟା ଭଳି ଜୀବନ ଜଞ୍ଜାଳର ଚିତ୍ର ମଧ୍ୟ ସ୍ଥାନ ପାଇଛି । ଧୀରେ ଧୀରେ କାହାଣୀ ଆଗକୁ ବଢ଼ିବା ବେଳେ ଉଚ୍ଚଶିକ୍ଷିତ ଯୁବପିଢ଼ି କିପରି ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ତା'ର ଏକ ନିଚ୍ଛକ ପ୍ରତିଛବି ହେଉଛି ଏହି 'ଦାଦନ' ଉପନ୍ୟାସ । ଉଚ୍ଚ ଶିକ୍ଷା ଲାଭ କରି ଚାକିରୀ ଆଶାରେ ଘରୁ ଗୋଡ କାଢ଼ି ବାହାରକୁ ଯିବା ଓ ନାନା ସମସ୍ୟାର କଥାକୁ ଉପସ୍ଥାପନ କରିଛନ୍ତି ଔପନ୍ୟାସିକା ସାହୁ । ଏଥି ସହିତ ପାରିବାରିକ ଜୀବନ-ସଂପର୍କ, ଦାମ୍ପତ୍ୟ ପ୍ରେମ ଆଧୁନିକ ଯୁବକ ଯୁବତୀଙ୍କ ପ୍ରେମ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଇତ୍ୟାଦିକୁ ଉପନ୍ୟାସର ପ୍ରତିଟି କ୍ଷେତ୍ରରେ ଦର୍ଶାଇଛନ୍ତି । ଉପକାହାଣୀ ଗୁଡ଼ିକ ଶୀର୍ଷକୀକରଣ କରିବା ସହିତ ପ୍ରସଙ୍ଗ ଭିତ୍ତିରେ ବର୍ଣ୍ଣନା ମଧ୍ୟ କରିଛନ୍ତି । ଅଂଶୁ ସିଦ୍ଧୁ, ଜ୍ୟୋତି, ଲିସା, ସସ୍ମିତାଙ୍କ ଭଳି ଶିକ୍ଷିତ ଯୁବପିଢିଙ୍କୁ ନେଇ ଉପନ୍ୟାସଟି ଗଢ଼ି ଉଠିଛି । ସେମାନଙ୍କର ଉଚ୍ଚ ଶିକ୍ଷା ପ୍ରାପ୍ତିରେ ଓଡ଼ିସା ବାହାରକୁ ଯାଇଛନ୍ତି ଚାକିରି କରିବା ନିମନ୍ତେ । ବିଭିନ୍ନ କମ୍ପାନୀରେ ଇଂଟରଭ୍ୟୁ ଦେଉଛନ୍ତି । ନିଯୁକ୍ତି ପାଇବା ପରେ ମଧ୍ୟ ଅଶାନୁରୂପକ ବେତନ ମିଳୁ ନାହିଁ । ଯାହାକି ଶ୍ରମଠୁ ଶ୍ରମ ମୂଲ୍ୟ କମୁଛି । ଆଧିକ ପରିଶ୍ରମ କରି ଦିନ ବିତୁଛି । ଅଭାବ ଭିତରେ ଦିନ କଟୁଛି । ପୁନଶ୍ଚ ଓଡ଼ିଶାରେ ଶିକ୍ଷା ଦିଗକୁ ବଢ଼ାଇବାର ଲାଗି କିପରି ସଂଖ୍ୟାଧିକ ଭାବେ ପ୍ରାଇଭେଟ କଲେଜମାନେ ସ୍ଥାପନ କରାଯାଇଛି ଏବଂ ସେମାନଙ୍କର ଆନ୍ଦୋଳନ ଅରୁଣା ଭଳି ଚରିତ୍ର ମାଧ୍ୟମରେ ସଫଳ ଭାବରେ ଫୁଟାଇଛନ୍ତି । ଉପନ୍ୟାସଟିରେ ବୃତ୍ତି ଓ ଜୀବନ ସଂଘର୍ଷର କଥା ମୂଳରୂପ ଭାବରେ ରୂପାୟିତ ହୋଇଛି । ଜୀବିକା ନିର୍ବାହ ଲାଗି ଯୁବପିଢ଼ିଙ୍କ ବବିଷ୍ୟତ ଓ ବର୍ତ୍ତମାନର ସ୍ଥିତି ଉପସ୍ଥାପନ 'ଦାଦନ' ଉପନ୍ୟାସର କଥାବସ୍ତୁ ରୂପରେ ପାଠକ ଆଗରେ ଉନ୍ମୋଚିତ ହୋଇଛି । ଉପନ୍ୟାସ ମଧ୍ୟରେ ଆଧୁନିକ ସଂସ୍କୃତି, ନାରୀଶିକ୍ଷା ଯୁବ ଜୀବନର ବିବିଧ ଦିଗ ଭିତରେ ଜଗତୀକରଣର ଏକ ସୂକ୍ଷ୍ମରୂପ ପ୍ରବାହିତ ।

ଚଳିତ ସମୟରେ ଯୁବପିଢ଼ି ମନରେ ଚାକିରି ହେଉଛି ଏକ ନିଶା । ଯାହା ପିଲାମାନଙ୍କଠୁ ବାପା ମା ମାନଙ୍କୁ ଅଧିକ ଘାରିଛି । ଅଭିଭାବକ ଶିକ୍ଷା ଦୀକ୍ଷା ଦେଇ ପିଲାଙ୍କୁ ବଢ଼େଇଲା ବେଳକୁ ପିଲାର ଇଚ୍ଛାନୁସାରୀ ପାଠ ଚୟନଠୁ ଅଧିକ ଗୁରୁତ୍ୱ ଦିଆଯାଉଛି ଅଭିଭାବକଙ୍କ ଇଚ୍ଛା । ଉପନ୍ୟାସଟିରେ ସେମିତି ଏକ ଚରିତ୍ର ହେଉଛି ସିଦ୍ଧାର୍ଥ । ସେ ଇକୋନୋମିକ୍ସ ନେଇ ପଢ଼ିବାକୁ ଆଦୌ ଚାହୁଁ ନଥିଲେ ହେଁ ତା ମମିର ଇଚ୍ଛାରେ ପଢ଼ିଥିଲା ।  ପରିଶେଷରେ ବହୁତ ପଢ଼ିବା ଓ ଚାକିରି କରିବା ଆଶାରେ ଆଶାୟୀ ହୋଇଛି । କାହିଁକିନା ?  ଜଗତୀକରଣ ଦୁନିଆରେ ମଣିଷ ଚାହୁଁଛି ବହୁତ ପଢ଼ିବ, ଚାକିରି କରିବ, ଅନ୍ୟ ସହ ପ୍ରତିଯୋଗିତା କରି ସମ୍ଭ୍ରାନ୍ତଶାଳୀ ହେବ ଏବଂ ବିଦେଶୀମାନଙ୍କ ବିଦେଶୀମାନଙ୍କ ଢ଼ଙ୍ଗରେ ନିଜକୁ ପରିଚାଳିତ କରିବ । ନିଯୁକ୍ତି ଲାଗି ଅନ୍‌ଲାଇନ୍‌ରେ ଦରଖାସ୍ତ ବିଭିନ୍ନ କମ୍ପାନୀକକୁ ପଠେଇସାରିଥିଲା ସିଦ୍ଧାର୍ଥ । ସେ ସବୁର ଅପେକ୍ଷା ଭିତରେ ଔପନ୍ୟାସିକା କମ୍ପାନୀମାନଙ୍କରେ ନିଯୁକ୍ତି ପଦ୍ଧତି ବା ଶୈଳୀକୁ ଦର୍ଶାଇଛନ୍ତି । "ତା ତାଲିକାରେ ଥିବା କମ୍ପାନୀଗୁଡ଼ିକୁ ସେ ବହୁ ଆଗରୁ ଅନ୍‌ଲାଇନ୍ ଦରଖାସ୍ତ କରି ସାରିଥିଲେ । ଏବେ ୍ହା ସାମ୍ନା ସାମ୍ନି ଏଚ୍. ଆରକୁ ଦେଖା କରିବା କଥା । ୟା ଦ୍ୱାରା ଯେ କିଛି ସଫଳତା ମିଳିବ ତାକୁ ଲାଗୁଥିଲା । ତେବେ ବସିବା ଅପେକ୍ଷା କାଶିବା ଭଲ ନ୍ୟାୟରେ କରିବା କଥା ।" (୪)  ପୁନଶ୍ଚ ସିଦ୍ଧୁ ବେଙ୍ଗଲୁର୍ ଯିବାପରେ ନିଜ ମା'କୁ କହିଛି-" ଚାକିରି ଗୁଡ଼ା କଣ ଗଳି କନ୍ଦିରେ ପଡ଼ିଛି ଯେ, ବୁଲି ବୁଲି ଗୋଟେଇ ନେବି । ବିରକ୍ତି ମିସା ସ୍ୱରରେ ଜବାବ ଦେଇଥିଲା ସେ ।" (୫) ଅର୍ଥାତ୍ ଉପନ୍ୟାସ ମଧ୍ୟରେ ଚାକିରି ସମସ୍ୟାର ପ୍ରସଙ୍ଗଟିକୁ ଔପନ୍ୟାସିକା ଉଚ୍ଚଶିକ୍ଷା ଓ କମ୍ପାନୀ ଆଗମନ ପ୍ରସଙ୍ଗରେ ତଥା ସୂକ୍ଷ୍ମ ସ୍ତରରେ ଜଗତୀକରଣର ଆଗମନ ଓ ପ୍ରଭାବ କଥାକୁ ସୂଚାଇଛନ୍ତି ।

ଅଂଶୁ, ସିଦ୍ଧାର୍ଥ ଓ ଲିସାଙ୍କର ବ୍ୟାଚଲର୍ ଜୀବନ କାହାଣୀ ହିଁ ଅଧୁନା ଯୁବପିଢ଼ିଙ୍କ ସ୍ୱର । ଏମ୍.ବି.ଏ ପଢ଼ା ସରିବା ପରେ ଓଡ଼ିଶା ଛାଡ଼ି ବେଙ୍ଗଲୁର୍ ଯାଇଛନ୍ତି । ଉଚ୍ଚ ଚାକିରି ସହ ଉତ୍ତମ ଅର୍ଥ ଉପାର୍ଜନର ଲକ୍ଷ୍ୟ ମଧ୍ୟ ମୁଖ୍ୟ ହୋଇଛି ସେମାନଙ୍କ ଭିତରେ । ସେମାନେ ଅନୁଭବ କରିଛନ୍ତି ପ୍ରକୃତରେ ନିଜ ଜନ୍ମଭୂମି ଛାଡ଼ି ବାହାରେ ରହି କାମ କରିବାର ଦୁଃଖ ଏବଂ ତାହା ପୁଣି ସ୍ୱଳ୍ପ ବେତନରେ । ଯାହାକି ଏକ ଅଭାବ ଜୀବନବୋଧର ମର୍ମବାଣୀବୋଲି ସ୍ପଷ୍ଟ ହୋଇଛି । ଲିସା ଓ ସସ୍ମିତା ବାର୍ତ୍ତାଳାପ ମଧ୍ୟରେ ପ୍ରକାଶ କରିଛନ୍ତି "ଏ କାମ ଆଉ ପୁଷୋଉନି । ତମେ ଜାଣିନ ଓଡ଼ିଶାରୁ ଦାଦନ ଖଟିବାକୁ ଗାଁରୁ ଗଣ୍ଡାରୁ ଯୁବକମାନେ କଲିକତା, ଝୋଟକଳ, ଆସାମ ଚା ବଗିଚା, ଏମିତିକି ରେଙ୍ଗୁନ୍ ପଳାଉଥିଲେ । ଏବେ ସେମିତି ବାଙ୍ଗାଲୁର୍, ହାଇଦ୍ରାବାଦ, ବମ୍ବେ କି ପୁନେ । ଏଇ ଏକା ଗୋଡି । ସେଇ ଏକା କ୍ୱିକ୍ ମନିର ଲାଳସା । ଅଂଟା ପିଠି ଲାଗିଯିବା ପରି କାମ । ରୋଜଗାର କରିବାପାଇଁ ଦାନ୍ତ କାମୁଡ଼ି ପଡ଼ି ରହେ ।" (୬) ଏହାରି ମଧ୍ୟରେ ହିଁ ଔପନ୍ୟାସିକା ଦର୍ଶାଇବାକୁ ଚାହିଁଛନ୍ତି ସଂପ୍ରତି ଦାଦନ ସମସ୍ୟାର ରୂପଚିତ୍ର କିପରି ପରିବର୍ତ୍ତିତ ହୋଇଛି । କିନ୍ତୁ ସେଇ ଗୋଟିଏ ଅର୍ଥ ଉପାର୍ଜନର ଲାଳସା ମଣିଷକୁ କିପରି ଏବେବି କ୍ରୀତଦାସ କରି ରଖିଛି । ପୁନଶ୍ଚ କାହାଣୀ ଆଗକୁ ଅଗ୍ରଗତି କରିବା ଭିତରେ ଲିସାର ଚରିତ୍ର ଚିତ୍ରଣରେ ନାରୀ ଶିକ୍ଷା, ନାରୀ ସ୍ୱାଭିମାନୀ, ଶିକ୍ଷା ସଚେତିକା ଭଳି ଚରିତ୍ରଟିଏରେ ଉଭା ହୋଇଛି ଲିସା ନିଜେ ବାହାରେ ରହିବା ହେତୁ ସେମାନଙ୍କର ଜୀବନ ଚଳଣି, ଖାଦ୍ୟ ପେୟ, ସଂଘର୍ଷମୟ ଜୀବନ ଭିତରେ ପ୍ରେମ ଓ ପ୍ରଯୁକ୍ତି ଜ୍ଞାନର ବ୍ୟବହାର ଆଦିକୁ ଔପନ୍ୟାସିକା ବିଭିନ୍ନ ପ୍ରସଙ୍ଗରେ ରୂପାୟିତ କରିଛନ୍ତି । ସେହିପରି ସଂସ୍କୃତିର ବାତାବରଣକୁ ଲକ୍ଷ୍ୟକରି ସୂଚିତ କରିଛନ୍ତି ଯେ କିପରି ସଂସ୍କୃତି ପରିବର୍ତ୍ତିତ ହୁଏ ? ଚଳଣି ଓ ପରିବେଶ ମାଧ୍ୟମରେ ଏକ ସଂସ୍କୃତି ଅନ୍ୟସଂସ୍କୃତିଦ୍ୱାରା କିପରି ପ୍ରଭାବିତ ହୁଏ ଏବଂ ଆଧୁନିକ ଜୀବନ ଶୈଳୀଦ୍ୱାରା ସଂସ୍କୃତି କିପରି ପରିବର୍ତ୍ତନ ହୁଏ ତା'ର ଚିତ୍ର ବାଙ୍ଗାଲୋରକୁ ଆସିଥିବା ଅଂଶୁ, ଲିସା,ଜ୍ୟୋତି ଓ ସିଦ୍ଧୁ ଭଳି ଚରିତ୍ରଗୁଡ଼ିକ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି । ଯୁବ ପିଢ଼ିଙ୍କ ମଧ୍ୟରେ ଡିଜିଟାଲ୍ ପ୍ରେମ କଥା ଏସ୍.ଏମ୍.ଏସ୍, ମୋବାଇଲ୍, ଇଂଟରନେଟ୍ ଇତ୍ୟାଦିର ବହୁଳ ବ୍ୟବହାର ଏବଂ ସେମାନଙ୍କ ଜୀବନର ଆବଶ୍ୟକ ଭାବେ ଧୀରେ ଧୀରେ କିପରି ଆହୁରି ବଢ଼ି ଯାଉଛି ତାହାକୁ ଲିସା ଓ ଅଂଶୁର ପ୍ରେମ ସଂପର୍କ ପ୍ରସଙ୍ଗରେ ଉପସ୍ଥାପନ କରିଛନ୍ତି । "ଦୁହେଁ କଥାରେ କଥାରେ, କ୍ରମଶଃ ଏସ୍. ଏମ୍. ଏସ୍.ରେ ଅଗନା ଅଗନି ବନସ୍ତ ଭିତରକୁ ଯାଉଥିଲେ । ଦେହ ଦେଉଳରେ ପ୍ରବେଶ କରୁଥିଲେ । ପରସ୍ପରଙ୍କୁ ପର୍ଣ୍ଣୋଲିଙ୍କ୍ ୟୁଟ୍ୟୁବ୍ ଭେଟି ସ୍ୱରୂପ ପଠଉଥିଲେ ।"(୭) ଔପନ୍ୟାସିକା ଦେଖାଇବାକୁ ଚାହିଁଛନ୍ତି ପରିବେଶ ଓ ଚଳଣି କିପରି ମଣିଷକୁ ପ୍ରଭାବିତ କରେ । କିପରି ଓକ ପାରମ୍ପରିକ ଧାରାରୁ ମଣିଷକୁ ଭିନ୍ନ କରିହୁଏ । ଏହି ପ୍ରସଙ୍ଗରେ ଆଧୁନିକ ଜୀବନ ଶୈଳୀ ଓ ପ୍ରଯୁକ୍ତିବିଦ୍ୟାର ପ୍ରଭାବ ଉକ୍ତ ଚରିତ୍ର ଦିଇଟି ମଧ୍ୟରେ ଦର୍ଶାଇଛନ୍ତି । ଉପନ୍ୟାସଟିରେ ଯୁବପିଢ଼ିଙ୍କ ଚାଲି ଚଳଣି, ବିଚାର ମାନସିକତା ଆଦି ସବୁ କ୍ଷେତ୍ରକୁ ଔପନ୍ୟାସିକା ପ୍ରବେଶ କରିଛନ୍ତି । ଲିଭିଂ ଟୁଗେଦରସିପ୍ ଚିତ୍ରକୁ ମଧ୍ୟ ଉପନ୍ୟାସଟିରେ ସ୍ଥାନ ଦିଆଯାଇଛି, ଯାହାକି ଏକ ପାଶ୍ଚାତ୍ୟ ପ୍ରଭାବ । ଏହି ଶିକ୍ଷା, ଚଳଣି, ନିଯୁକ୍ତି ଲାଳସା, ଶିକ୍ଷିତ ବେକାରୀ ହିଁ ସାମାଜିକ ପରିବର୍ତ୍ତନ ବ୍ୟବସ୍ଥାର ଏକ ଫଳ ସ୍ୱରୂପ । ବିଶ୍ୱାୟନ ଓ ଜଗତୀକରଣ ହେଉଛି ଠିକ୍ ସେହିପରି । ଏହା ଆସିବାଦ୍ୱାରା କେବଳ ଅର୍ଥନୀତି ନୁହେଁ ସାମାଜିକ ଜୀବନ ଚଳଣି, ଶିକ୍ଷା ସଂସ୍କୃତିଠାରୁ ବ୍ୟକ୍ତି ମାନସିକତାରେ ମଧ୍ୟ ପରିବର୍ତ୍ତନ ଘଟୁଛି ।

ଔପନ୍ୟାସିକା ସାହୁ ଉପନ୍ୟାସର ବିଷୟବସ୍ତୁଟିକୁ ସମସ୍ୟା କୈନ୍ଦ୍ରୀକ ରୂପରେ ରୂପାୟିତ କରିଥିଲେ ହେଁ ସାମାଜିକ ପରିବର୍ତ୍ତନ କଥା ଜଗତୀକରଣର ପ୍ରଭାବରେ ଆଧୁନିକ ଯୁବପିଢ଼ିଙ୍କ ଜୀବନଶୈଳୀ, ପାରିବାରିକ ସମ୍ପର୍କ, ସହରୀ ଜୀବନର ପ୍ରଭା ଓ ଗଣମାଧ୍ୟମର ବହୁଳ ବ୍ୟବହାର ଇତ୍ୟାଦି ସଫଳ ରୂପରେ ପ୍ରକାଶ ପାଇଛି । ଆଧୁନିକ ଜୀବନ ଚର୍ଯ୍ୟାକୁ ଅଂଶୁ ଓ ଲିସା ମାଧ୍ୟମରେ ଦେହାଇଥିବାବେଳେ ଇଂଟରନେଟର ପ୍ରଭାବ ମଧ୍ୟରେ ଗଣମାଧ୍ୟମର ଭୂମିକାକୁ ଦର୍ଶାଯାଇଛି । ପ୍ରବାସୀ ଓଡ଼ିଆର ଜୀବନ ଯନ୍ତ୍ରଣା ଏହି ଉପନ୍ୟାସର ଏକ ସ୍ୱତନ୍ତ୍ର ଦିଗ, ଯାହାକି ଉପନ୍ୟାସର ବକ୍ତବ୍ୟ ପ୍ରକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଜୀବନ, ବୃତ୍ତି ଓ ସଙ୍ଘର୍ଷର ଏକ ପରିମାପକ ସନ୍ତୁଳନ ହେଉଛି ଉକ୍ତ 'ଦାଦନ' ଉପନ୍ୟାସ । ଚରିତ୍ରଗୁଡ଼ିକ ମଧ୍ୟରେ ଆଧୁନିକ ଭାବ ଓ ଭାଷାକୁ ସଂଗୁମ୍ଫିତ କରିବାକୁ ଯାଇ ଔପନ୍ୟାସିକା ବେଶ୍ ସଚେତନ ମନେ ହୋଇଛନ୍ତି । ଚରିତ୍ର ମୁଖରେ ଇଂରାଜୀ ଶବ୍ଦ, ହିନ୍ଦୀ ଶବ୍ଦ ଓ ବଙ୍ଗଳା ଶବ୍ଦ ପ୍ରୟୋଗ କରି ଉପନ୍ୟାସର କଥବସ୍ତୁରେ ଏକ ସ୍ୱାଭାବିକ ଗତିଶୀଳତାକୁ ଉପସ୍ଥାପନ କରିଛନ୍ତି ଔପନ୍ୟାସିକା । ଉପନ୍ୟାସ ମଧ୍ୟରେ ଛୋଟ ଛୋଟ ଶୀର୍ଷକୀକରଣର ନାମଗୁଡ଼ିକ ଯଥା 'ପ୍ରଥମ ସୋପାନ' ଯାହାକି ଶିକ୍ଷା ପ୍ରାରମ୍ଭରେ ଅଂଶୁର ପଢ଼ା ଓ ପ୍ରତିଯୋଗୀ ମନୋଭାବକୁ ଉଦ୍ରେକ କରିବା ସହିତ 'ଶୂନ୍ୟ ଅହୋରଣ' ଶୀର୍ଷକରେ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ପ୍ରକୃତ ସମସ୍ୟାକୁ ଉଲ୍ଲେଖ କରାଯାଇଛି । ସେହିପରି 'ଏ ମୋନିହାର' ଶୀର୍ଷକଟିରେ ଏକ ବେଙ୍ଗଲୀ ଚରିତ୍ର ଜ୍ୟୋତି ମାଧ୍ୟମରେ ବଙ୍ଗଳାଗୀତର ଆଭ୍ୟନ୍ତରୀଣ ବକ୍ତବ୍ୟ ଓ ତାର ଚିରନ୍ତନତାକୁ ଦେଖାଇଛନ୍ତି । 'ଘୁଣଖିଆ ସମୟ' ଶୀର୍ଷକରେ ଅଂଶୁ ମନର ଅସରନ୍ତି ଦୁଃଖ ଓ ନିଜର ଅସ୍ତିତ୍ୱକୁ ପରଖିଛି । କିପରି ସେ ଅର୍ଥ ଲୋଭରେ ବଶବର୍ତ୍ତୀ ହୋଇ ନିଜର ଜୀବନ ନିରର୍ଥକ ପାଲଟିଯାଇଛି । ଏହି ଭାବଧାରାକୁ ବଜାୟ ରଖି 'ଅସ୍ତିତ୍ୱ' ଓ 'ଅଚଳ ପଇସା ପରି

ହୋଇଯାଏ ଜୀବନ' ଶୀର୍ଷକ ଗୁଡ଼ିକ ଔପନ୍ୟାସିକାଙ୍କ ପ୍ରତିଭାର ପରିଚୟ ବହନ କରେ ।

ସାହିତ୍ୟ ଧାରାରେ ଉପନ୍ୟାସ ସର୍ବଦା ନିଜସ୍ୱ ସ୍ୱାତନ୍ତ୍ର୍ୟକୁ ବଜାୟ ରଖେ । 'ଦାଦନ' ଉପନ୍ୟାସ ହେଉଛି ଏକ କାଳଖଣ୍ଡର ପ୍ରତିଛବି । ଔପନ୍ୟାସିକା ସାହୁ ଦୃଶ୍ୟମାନ ଦାଦନର ପ୍ରସଙ୍ଗକୁ ଏଠାରେ ଚିତ୍ରିତ କରିବାଠାରୁ ଆଢୁଆଳରେ ରହିଯାଉଥିବା ଆଖିଦେଖା ଶିକ୍ଷିତ ଯୁବଗୋଷ୍ଠୀ ଚରିତ୍ରଙ୍କ ଜୀବନ ଯେ ଦାଦନ ଶ୍ରମିକଠୁ କୌଣସି ଗୁଣରେ କମ୍ ନୁହଁ ଏପରିକି ପ୍ରବାସୀ ଓଡ଼ିଆଙ୍କ ଯନ୍ତ୍ରଣାଶିକ୍ତ କାହାଣୀ ଯେ ଏହି ଉପନ୍ୟାସର ସାରମର୍ମ ଏକଥାକୁ ନିଃସନ୍ଦେହରେ କହିହେବ । ଉପନ୍ୟାସଟିରେ ଯୁବ ପିଢ଼ିର ଜୀବନ ଯନ୍ତ୍ରଣା, ଆଧୁନିକ ସମୟର ଯୁଗୋପୋଯୋଗୀ ଭାବଧାରା ଓ ଦୃଶ୍ୟମାନ ପ୍ରତ୍ୟକ୍ଷ ସମସ୍ୟାର ଚିତ୍ର ମୁଖ୍ୟ ସ୍ୱର ପାଲଟିଛି । ଓଡ଼ିଆ ଉପନ୍ୟାସ ଧାରାରେ ଔପନ୍ୟାସିକାଙ୍କର ଏହି ଅନନ୍ୟ ସୃଜନ ଏକ ଅଭିନବ ଉପହାର ।

**ପ୍ରାନ୍ତଟୀକା :**


୧. ନାୟକ ଲାବଣ୍ୟ, ଉପନ୍ୟାସ ସାହିତ୍ୟ ସମ୍ପର୍କରେ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା, ଭୁବନେଶ୍ୱର, ପୃ-୮

୨. ସାହୁ ସରୋଜିନୀ, ଦାଦନ,ଟାଇମ୍‌ପାସ୍, ୨୦୧୬. ପୃ- ୪୦

୩. ସାହୁ ସରୋଜିନୀ, ଦାଦନ,ଟାଇମ୍‌ପାସ୍, ୨୦୧୬. ପୃ- ୫୨

୪. ସାହୁ ସରୋଜିନୀ, ଦାଦନ,ଟାଇମ୍‌ପାସ୍, ୨୦୧୬. ପୃ- ୪୧

୫. ତତ୍ରୈବ, ପୃ -୩୯

୬. ତତ୍ରୈବ, ପୃ - ୧୨୦

୭. ତତ୍ରୈବ, ପୃ -୫୪


❖ ❖ ❖